# ସେଲ, ଆରଏସପିରେ 'କାରଖାନା କାର୍ଯ୍ୟଧାରା ପାଇଁ ଖଣିସମୂହର ଉତ୍ତମ ସମନ୍ୱୟ' ଉପରେ ପ୍ରଦର୍ଶନ ଉନ୍ନତିକରଣ ଯୋଜନା କର୍ମଶାଳା ଆରମ୍ଭ

ରାଉରକେଲା, ୨୩।୭ (ଶ୍ରୁ.ମି) : ସେଲ, ରାଉରକେଲା ଇସ୍ପାତ କାରଖାନାର ସି ପି ଟି ଆଇ ଠାରେ 'କାରଖାନା କାର୍ଯ୍ୟଧାରା ପାଇଁ ଖଣିସମୂହର ଉତ୍ତମ ସମନ୍ୱୟ' ଉପରେ ଏକ ୨ ଦିନିଆ ପ୍ରଦର୍ଶନ ଉତ୍ତତିକରଣ ଯୋଜନା କର୍ମଶାଳା (ପିଇପି) ଜୁଲାଇ ୨୩ ତାରିଖ ଦିନ ଆରମ୍ଭ ହୋଇଯାଇଛି । ଏହି କର୍ମଶାଳାରେ ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସ ଏବଂ ଝାଡ଼ଖଣ୍ଡ ଗ୍ରୁପ୍ ଅଫ୍ ମାଇନ୍ସ ସମେତ ଆରଏସପି ର କଞ୍ଚାମାଲ ପ୍ରବନ୍ଧନ ବିଭାଗ, ସିଣ୍ଟର ପ୍ଲାଣ୍ଟ , ବ୍ଲାଷ୍ଟ ଫର୍ଣ୍ଣେସ ଏବଂ ଗୁଣବତ୍ତା ବିଭାଗରୁ ପ୍ରାୟ ୪୩ ଜଣ କର୍ମଚାରୀ ଯୋଗ ଦେଇଥିଲେ। ଉକ୍ତ କର୍ମଶାଳାର ଉଦଘାଟନୀ ଅଧିବେଶନରେ ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ଏବଂ ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏ କେ ବେହୁରିଆ ମଞ୍ଚାସୀନ ଥିଲେ। ଶ୍ରୀ ତରୁଣ ମିଶ୍ର ନିଜର ଅଭିଭାଷଣରେ ସମନ୍ୱିତ ଇସ୍ପାତ କାରଖାନାରେ ଖଣିଗୁଡ଼ିକର ମହତ୍ତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହିତ ଏହାକୁ କାରଖାନାର ମେରୁଦଣ୍ଡ ଭାବରେ ବର୍ଣ୍ଣନା କରିଥିଲେ ଯାହା ଲାଭର୍ଜନତାକୁ ବହୁଳ ରୂପେ ପ୍ରଭାବିତ କରିଥାଏ। ସେ ଆହୁରି ମଧ୍ୟ କହିଥିଲେ ଯେ, ଗୁଣବତ୍ତା, ଯୋଗାଣ ଓ ବିକ୍ରିରେ ଅଧିକ ଉନ୍ନତି ଆଣି ଆମକୁ ଆମର ନିଜସ୍ୱ ଖଣିଗୁଡ଼ିକର ପୂର୍ଣ୍ଣ ଲାଭ ନେବାକୁ ହେବ, ଯାହାଫଳରେ କମ୍ପାନୀର ଲାଭକୁ ଆହୁରି ମଜଭୁତ କରାଯାଇପାରିବ। ଶ୍ରୀ ବର୍ମା ଏହି କର୍ମଶାଳା ଆୟୋଜନକୁ ନେଇ ସନ୍ତୁଷ୍ଟି ବ୍ୟକ୍ତ କରିବା ସହିତ ଖଣି ଏବଂ କାରଖାନାର କାର୍ଯ୍ୟ ମଧ୍ୟରେ ସମନ୍ୱୟ ସୃଷ୍ଟି କରିବାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଉତ୍ପାଦକତାରେ ଉନ୍ନତି ସାଧନ ଏବଂ ଲୌହ ପ୍ରସ୍ତୁତିରେ ନିପୁଣତା ଆଣିବା ନିମନ୍ତେ ସେ ମଧ୍ୟ ଅଶୁଦ୍ଧତା ହ୍ରାସ ଏବଂ ଆକାଙ୍କ୍ଷିତ ଆକାରର ଲୁହା ପଥର ଉତ୍ପାଦନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ବେହୁରିଆ ନିଜର ବକ୍ତବ୍ୟରେ ସାମ୍ପ୍ରତିକ ବଜାର ପରିସ୍ଥିତି ଉପରେ ଆଲୋକପାତ କରିବା ସହ ବିକ୍ରି ଲକ୍ଷ୍ୟ ରାଶି ଏବଂ ଉତ୍ପାଦନ ଖର୍ଚ୍ଚ ମଧ୍ୟରେ ବ୍ୟବଧାନରେ କ୍ରମିକ ହ୍ରାସର କାରଣଗୁଡିକ ବିଷୟରେ ଉଲ୍ଲେଖ କରିଥିଲେ। ଚୂଡ଼ାନ୍ତ ଉତ୍ପାଦନ ଖର୍ଚ୍ଚର ୬୦ ପ୍ରତିଶତ ଉତ୍ତପ୍ତ ଧାତୁ ଉତ୍ପାଦନରେ ଖର୍ଚ୍ଚ ହେଉଥିବା ଉଲ୍ଲେଖ କରି କୋକ୍ ବ୍ୟବହାର ଏବଂ ସାମଗ୍ରିକ ରୂପେ ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବା ନିମନ୍ତେ ଇପ୍ସିତ ରାସାୟନିକ ଗୁଣ ଏବଂ ଗ୍ରାନୁଲେସନ୍ ସୁନିଶ୍ଚିତ କରିବାରେ ଖଣି ସାମୂହିକଙ୍କ ଭୂମିକାକୁ ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭରେ ଏଚଆର ଏବଂ ଏଚଆର ଏଲ ଆଣ୍ଡ ଡ଼ି ବିଭାଗର ସିଜିଏମ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ, ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସେଣ୍ଟ୍ରାଲ୍ କୋର୍ଡିନେସନ୍ ମାଇନ୍ସ ବିଭାଗର ଏଜିଏମ ସୁଶ୍ରୀ ଶୁଭସ୍ମିତା ଦାସ ଉଦଘାଟନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କର୍ମଶାଳାର ପ୍ରଥମ ଦିନର ବିଭିନ୍ନ ଅଧିବେଶନରେ କମ୍ପାନୀର ସାମଗ୍ରିକ ଚିତ୍ର, ପ୍ରତିଦ୍ୱନ୍ଦ୍ୱୀଙ୍କ ଦୃଷ୍ଟିରୁ ସେଲ ର ଜାତୀୟ ଏବଂ ଗ୍ଲୋବାଲ୍ ସ୍ଥିତି, ଖଣି ଦୃଷ୍ଟିକୋଣ ଏବଂ ଏହାର ପ୍ରମୁଖ ବିଷୟାବଳୀ, ଆହ୍ୱାନ ଏବଂ ଗ୍ରାହକ ଆକାଂକ୍ଷା ଉପରେ ତଥ୍ୟ ପ୍ରଦାନ କରାଯାଇଥିଲା। କାର୍ବନ ଫୁଟ ପ୍ରିଣ୍ଟ ହ୍ରାସ କରିବା, ଉତ୍ତମ ଗୁଣାତ୍ମକ ଏବଂ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଇତ୍ୟାଦି ପ୍ରତ୍ୟେକ ବିଷୟ ଉପରେ ଆଲୋଚନା କରାଯାଇଥିଲା । ଖଣି ବିଭାଗ ଦଳ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଥିଲେ ଏବଂ ଏଥିନିମନ୍ତେ ଜବାବଦେହି ଓ ସମୟସୀମା ନିର୍ଦ୍ଧାରିତ କରିଥିଲେ। ଏଚଆର ଏଲ ଆଣ୍ଡ ଡ଼ି ବିଭାଗ ଓ ଖଣି ବିଭାଗ କର୍ମଶାଳାକୁ ଯୁଗ୍ମ ରୂପେ ପରିଚାଳନା କରୁଛନ୍ତି।

# କିମ୍ସରେ ୧୦ଦିନ ଶିଶୁର ସଫଳ ହୃଦ୍ ଅସ୍ତ୍ରୋପଚାର

KALINGA INSTITUTE OF MEDICAL SCIENCES
KIMS

ଭୁବନେଶ୍ୱର, ୨୩।୭ (ଶ୍ରୁମି.) : କଳିଙ୍ଗ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ୍ ସାଇନ୍ସେସ୍(କିମ୍ସ)ର ଡାକ୍ତରମାନେ ଜନ୍ମଜାତ ହୃଦରୋଗର ଶିକାର ଜଣେ ୧୦ଦିନର ଶିଶୁର ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି । କିମ୍ସର ନବଜାତ ଶିଶୁରୋଗ ବିଭାଗ, ହୃଦରୋଗ ଏବଂ ହୃଦରୋଗ ନିଶ୍ଚେତକ ବିଭାଗ ଡାକ୍ତରଙ୍କ ସମନ୍ୱିତ ପ୍ରଚେଷ୍ଟା ଯୋଗୁଁ ଏହା ସମ୍ଭବ ହୋଇଛି । ୨.୨ କିଲୋଗ୍ରାମ ଓଜନ ଥିବା ଶିଶୁଟି ଜନ୍ମଜାତ ହୃଦରୋଗ ସନ୍ଦେହରେ ରେଫର ହୋଇ କିମ୍ସକୁ ଆସିଥିଲା। ଶିଶୁଟି ଜନ୍ମରୁ ଅକ୍ସିଜେନ୍ ଆବଶ୍ୟକ କରୁଥିଲା ଏବଂ ତାର ଅକ୍ସିଜେନ୍ ସ୍ତର କ୍ରମାଗତ ଭାବେ କମ୍ ରହୁଥିଲା। ଶିଶୁଟି ହସ୍ପିଟାଲ୍‌କୁ ଆସିବା ବେଳେ ଅକ୍ସିଜେନ୍ ସପୋର୍ଟ ଓ ଔଷଧ ପ୍ରୟୋଗ ସତ୍ତ୍ୱେ ତାର ଅକ୍ସିଜେନ୍ ସାଚ୍ୟୁରେସନ୍ ୭୦ ପ୍ରତିଶତରୁ କମ୍ ରହୁଥିଲା। ଶିଶୁଟିର ସେକେଣ୍ଡ ହାର୍ଟ ସାଉଣ୍ଡ ସିଙ୍ଗୁଲାର ଥିବାବେଳେ କ୍ରମାଗତ ଭାବେ ଅସ୍ୱାଭାବିକ ଶବ୍ଦ ହେଉଥିବା ଜଣାପଡ଼ିଥିଲା। ପୁନର୍ବାର ଛାତି ଏକ୍ସ-ରେ ଏବଂ ଇକୋ-କାର୍ଡ଼ିଓଗ୍ରାଫିରୁ ଶିଶୁଟିର ପଲ୍‌ମୋନାରୀ ଆଟ୍ରେସିଆ ସ୍ଥିତି ଜଣାପଡ଼ିଥିଲା। ଏଥିରେ ଉଭୟ ଫୁସ୍‌ଫୁସ୍‌କୁ ରକ୍ତ ସଞ୍ଚାଳନ ଗମ୍ଭୀର ଭାବେ ବାଧିତ ହୋଇଥାଏ। ଏଭଳି ସମସ୍ୟା ଥିବା ଶିଶୁଙ୍କ କ୍ଷେତ୍ରରେ ଯଦି ସେମାନଙ୍କ ଫୁସ୍‌ଫୁସ୍‌କୁ ପେଟେଣ୍ଟ ଡ଼କ୍ଟସ୍ ଆର୍ଟେରିଓସସ୍(ପିଡ଼ିଏ) ଭଳି ଅତିରିକ୍ତ ରକ୍ତ ସଞ୍ଚାଳନ ରହିଥାନ୍ତା ତେବେ ସେମାନଙ୍କ ଜୀବନ ରକ୍ଷା ହୋଇପାରନ୍ତା। କିନ୍ତୁ ପ୍ରାକୃତିକ ଭାବେ ହେଉଥିବା ଏହି ସଂଯୋଗ ସାଧରଣତଃ ଜନ୍ମର ତୁରନ୍ତ ବାଦ୍ ବନ୍ଦ ହୋଇଯାଇଥାଏ। ତେବେ ଏଥିପାଇଁ ବ୍ଲାଲକ୍-ଟାସିଂଗ୍ (ବିଟି) ସଣ୍ଟ ଭଳି ଅନେକ ସର୍ଜିକାଲ୍ ବିକଳ୍ପ ରହିଛି। କିନ୍ତୁ ଏ କ୍ଷେତ୍ରରେ ବିଶେଷକରି ୨.୫ କିଲୋଗ୍ରାମ ଓଜନରୁ କମ୍ ଓଜନର ନବଜାତ ଶିଶୁଙ୍କ ପାଇଁ ଏସବୁ ସର୍ଜିକାଲ୍ ବିକଳ୍ପ କାର୍ଯ୍ୟକାରୀ କରିବାରେ ଅଧିକ ବିପଦ ଆଶଙ୍କା ରହିଥାଏ। କିମ୍ସ ହସ୍ପିଟାଲ୍‌ର ନବଜାତଶିଶୁ ବିଭାଗ ସମେତ ଡା. ଆଶିଷ ରଞ୍ଜନ ମହାକୁଡ଼ଙ୍କ ନେତୃତ୍ୱରେ ଶିଶୁ ହୃଦରୋଗ ଟିମ୍ ଓ ହୃଦ୍ ନିଶ୍ଚେତକ ବିଶେଷଜ୍ଞ ଡ଼ା. ଅଶୋକ ବଡ଼ମାଳି କେସ୍‌ଟିର ଟିକିନିଖି ତର୍ଜମା କରି ଶିଶୁଟିର ହୃତପିଣ୍ଡରେ ବନ୍ଦ ହେବାକୁ ଯାଉଥିବା ପ୍ରାକୃତିକ ସଂଯୋଗ ଡ଼କ୍ଟସ୍ ଆର୍ଟିରିଓସସ୍‌କୁ ଡାଇଲେଣ୍ଟି କରି ଷ୍ଟେଣ୍ଟ ଲଗାଇଥିଲେ। ଏହି ପ୍ରକ୍ରିୟା ପରେ ଶିଶୁର ଅକ୍ସିଜେନ୍ ସ୍ତରରେ ଆଶାତୀତ ସୁଧାର ଆସିଥିଲା ଏବଂ ଅକ୍ସିଜେନ ସ୍ତର ୯୦ ପ୍ରତିଶତକୁ ବଢ଼ିଥିଲା। ଶିଶୁଟିର ଜୀବନ ପ୍ରତି ଥିବା ବିପଦ ତୁରନ୍ତ ଦୂର ହେବା ସହ ଶିଶୁଟି ସାଧାରଣ ବାୟୁଚଳାଚଳ କ୍ଷେତ୍ରରେ ନିଶ୍ୱାସପ୍ରଶ୍ୱାସ ନେବା ଓ ସାଧାରଣ ଖାଦ୍ୟ ଗ୍ରହଣ କରିପାରିଥିଲା। ଏହି ସଫଳ ପ୍ରକ୍ରିୟା ଅଧିକ ଯନ୍ତ୍ରଣାଦାୟକ ଅସ୍ତ୍ରୋପଚାରର ଆବଶ୍ୟକତାକୁ ହ୍ରାସ କରି ପାରିଛି। ଏହାଦ୍ୱାରା ଅଧିକ ସମୟ ଧରି ନିଶ୍ଚେତକର ପ୍ରଭାବ ସହ ଜଡ଼ିତ ଅନ୍ୟାନ୍ୟ ବିପଦ ଆଶଙ୍କା ହ୍ରାସ କରାଯାଇପାରିଛି।

## ଜିଲ୍ଲାସ୍ତରୀୟ ମୋ ଜଙ୍ଗଲ ଜମି କର୍ମଶାଳା

କଟକ ୨୩/୭ (ଶ୍ରୁମି) : କଟକ ଜିଲ୍ଲାସ୍ତରୀୟ ମୋ ଜଙ୍ଗଲ ଜମି କର୍ମଶାଳା ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ଗୃହ ଠାରେ ପାଳିତ ହୋଇଯାଇଛିୟ ଜିଲ୍ଲାପାଳଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଉମାକାନ୍ତ ରାଜ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ କର୍ମଶାଳାକୁ ଉଦଘାଟନ କରି କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେୟ ସମସ୍ତ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ତଥା ଗୋଷ୍ଠୀଗତ ଅଧିକାର ଶିରୋନାମା ପ୍ରସ୍ତୁତ କରି ଉପଖଣ୍ଡସ୍ତରୀୟ କମିଟିକୁ ୩୦ ତାରିଖ ଏବଂ ଜିଲ୍ଲାସ୍ତରୀୟ କମିଟିକୁ ଅଗଷ୍ଟ ୧୬ ତାରିଖ ସୁଦ୍ଧା ପ୍ରେରଣ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛିୟ ଏଥିସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ତଥା ଅଗଷ୍ଟ ୯ ରୁ ୧୫ ତାରିଖ ପର୍ଯ୍ୟନ୍ତ ଜଙ୍ଗଲ ଅଧିକାର ସପ୍ତାହ ପାଳନ କରିବାକୁ ବୈଠକରେ ସ୍ଥିରୀକୃତ କରାଯାଇଛିୟ କର୍ମଶାଳାରେ ଆଠଗଡ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲା ମଙ୍ଗଳ ଅଧିକାରୀ ସୁଶ୍ରୀ ମଧୁସ୍ମିତା ମହାପାତ୍ର, ଜିଲ୍ଲାର ସମସ୍ତ ତହସିଲଦାର, ଜଙ୍ଗଲ ଅଧିକାରୀ, ଅତିରିକ୍ତ ମଙ୍ଗଳ ଅଧିକାରୀ ଓ ବ୍ଲକ ମଙ୍ଗଳ ଅଧିକାରୀଗଣ ଉପସ୍ଥିତ ଥିଲେୟ କଟକ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜୁନ୍ ୧ରୁ ଜୁଲାଇ ୨୨ ପର୍ଯ୍ୟନ୍ତ ରାଜ୍ୟରେ ୩୭୧.୯ ପ୍ରତିଶତ ମି.ମି. ବର୍ଷା ରେକର୍ଡ଼ : ସ୍ୱାଭାବିକ୍ ବର୍ଷା ତୁଳନାରେ ୧୭ ପ୍ରତିଶତ କମ୍

*ଭୁବନେଶ୍ୱର, ୨୩।୭ (ଶ୍ରୁମି.) : - ଜୁନ୍ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୩୭୧.୯ ପ୍ରତିଶତ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଯାହାକି ସ୍ୱାଭାବିକ୍ ବର୍ଷା ତୁଳନାରେ ୧୭ ପ୍ରତିଶତ କମ୍ ରହିଛି । ଏହି ସମୟରେ ୧୩ ଜିଲ୍ଲାରେ ସ୍ୱାଭାବିକ୍ ବର୍ଷା ହୋଇଛି । ଗୋଟିଏ ଜିଲ୍ଲା ମାଲକାନଗିରିରେ ଅତ୍ୟଧିକ ବର୍ଷା ହୋଇଛି । ଏବଂ ଅନ୍ୟ ୧୬ ଜିଲ୍ଲା ନିଅଂଟିଆ କାଟାଗୋରୀରେ ରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।*

## ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପରେ ଟନେଲ ସଂଯୋଗ କ୍ଷେତ୍ରରେ ପୂର୍ବତଟ ରେଳପଥ ଦ୍ୱାରା ଆଉ ଏକ ମାଇଲ ଖୁଣ୍ଟ ହାସଲ

- *ଚାଲୁରହିଥିବା ରେଳ ପ୍ରକଳ୍ପର ଶୀଘ୍ର ସମାପ୍ତି ପାଇଁ ବିଶେଷ ଧ୍ୟାନ ଦିଆଯାଉଛି*
- *ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଶେଷ ହେବା ପାଇଁ ଉଭୟ ପାର୍ଶ୍ୱରୁ ଟନେଲ୍ କାର୍ଯ୍ୟ ନିର୍ମାଣ କରାଯାଉଅଛି*

ଭୁବନେଶ୍ୱର, ୨୩।୭ (ଶ୍ରୁମି.) : ଟନେଲ ସଂଯୋଗ କାର୍ଯ୍ୟରେ ପୂର୍ବତଟ ରେଳପଥ ଆଉ ଏକ ମାଇଲ ଖୁଣ୍ଟ ଅତିକ୍ରମ କରିଛି ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲିଙ୍କ୍ ପ୍ରକଳ୍ପ (୩୦୧ କିଲୋମିଟର) ନିର୍ମାଣ କାର୍ଯ୍ୟରେ ନିୟୋଜିତ ରେଳପଥର ନିର୍ମାଣ ବିଭାଗର ଇଞ୍ଜିନିୟରିଂ ଟିମ୍ ମାଧପୁର ବନ ରେଞ୍ଜର ଦୁର୍ଗମ ସଂରକ୍ଷଣ ଜଙ୍ଗଲ ଅନ୍ତର୍ଗତ ଆଡ଼େଣିଗଡ଼ -ଚରିଛକ ରେଳ ସେକ୍ସନ ମଧ୍ୟରେ ୪୧୮୫ ମିଟର ଲମ୍ବ ଟନେଲ ସହିତ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏକ ଏସ୍କେପ ଟନେଲର ବ୍ରେକଥ୍ରୁ କାର୍ଯ୍ୟ ଆଜି କରାଯାଉଅଛି । ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ପ୍ରକଳ୍ପର ମୋଟ ୩୦୧ କିଲୋମିଟର ମଧ୍ୟରୁ ୧୫୨.୮୦୫ କିଲୋମିଟର କାର୍ଯ୍ୟକ୍ଷମ ହୋଇଛି ପ୍ରକଳ୍ପର ଶୀଘ୍ର ସମାପ୍ତ ହେବା ନିଶ୍ଚିତ କରିବାକୁ ରେଳବାଇ ଉଭୟ ପାର୍ଶ୍ୱରୁ ଅର୍ଥା ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀର ପାର୍ଶ୍ୱରୁ ଏହି ଲାଇନ ନିର୍ମାଣ କରୁଛି ବର୍ତ୍ତମାନ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କିଲୋମିଟର ଏବଂ ବଲାଙ୍ଗୀରରୁ ସୋନପୁର ପର୍ଯ୍ୟନ୍ତ ୪୭ କିଲୋମିଟର କାର୍ଯ୍ୟ ଶେଷ ହୋଇଛି । ଏହା ବ୍ୟତୀତ, ସୋନପୁର ଠାରୁ ଝରମୁଣ୍ଡା ପର୍ଯ୍ୟନ୍ତ ୨୮.୭୬୫ କି.ମି. ଦୀର୍ଘ୍ୟ ରେଳ ମାର୍ଗ ମଧ୍ୟ ଇତି ମଧ୍ୟରେ ଶେଷ ହୋଇଛି । ସୋନପୁରରୁ ପୁରୁଣାକଟକ ପର୍ଯ୍ୟନ୍ତ ପ୍ରାୟ ୭୩ କିଲୋମିଟର ପର୍ଯ୍ୟନ୍ତ ସେଗମେଣ୍ଟ ଆସନ୍ତା କିଛି ମାସ ମଧ୍ୟରେ ଶେଷ ହେବ ବୋଲି ଆଶା କରାଯାଉଛି । ଏହା ସହିତ ଟନେଲ କାର୍ଯ୍ୟକୁ ମଧ୍ୟ ଉଭୟ ପାର୍ଶ୍ୱରୁ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଅଛି । ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ପ୍ରକଳ୍ପକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଗୁରୁତ୍ୱ ଦିଆଯାଉଛି ।

## ଡେଙ୍ଗୁ ରୋକିବା ଉପରେ ସଚେତନତା ସୃଷ୍ଟି ପାଇଁ ସେଲ ଆରଏସପିର ସ୍ୱେଚ୍ଛାସେବୀଙ୍କ ପ୍ରୟାସ

ରାଉରକେଲା, ୨୩।୭ (ଶ୍ରୁମି.) : ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏହାର ବିଭିନ୍ନ ବିଭାଗରୁ ମନୋନୀତ ୫୦ ଜଣ ସ୍ୱେଚ୍ଛାସେବୀଙ୍କୁ ସହର ଇଞ୍ଜିନିୟରିଂ ବିଭାଗର ଜନସ୍ୱାସ୍ଥ୍ୟ ୟୁନିଟ୍ ସହିତ କାର୍ଯ୍ୟ କରିବା ପାଇଁ ନିୟୋଜିତ କରିଛି ଏବଂ ଡେଙ୍ଗୁ ରୋକିବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରୁଛି । ସ୍ୱଚ୍ଛୋସେବୀମାନଙ୍କୁ ୧୫ଦିନ ମଧ୍ୟରେ ସର୍ବେକ୍ଷଣର ସମାପ୍ତି ସୁନିଶ୍ଚିତ କରିବା ଏବଂ ଡେଙ୍ଗୁ ସଂକ୍ରମଣର କାରକଗୁଡିକର ଆକଳନ ତଥା ସଂକ୍ରାମକ ରୋଗର ନିୟନ୍ତ୍ରଣ ପାଇଁ ପ୍ରାଥମିକକ୍ଷେତ୍ର ଚିହ୍ନଟ ପାଇଁ ଦାୟିତ୍ୱ ଦିଆଯାଇଛି। ଜୁଲାଇ ୨୨ ତାରିଖରେ ସହର ଇଞ୍ଜିନିୟରିଂ କନଫରେନ୍ସ ହଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ, ସେଲ ଲୋଗୋ ଏବଂ ଆଣ୍ଟି-ଡେଙ୍ଗୁ ସ୍କ୍ୱାଡ ଲିଖିତ ଟି-ସାର୍ଟ ସ୍ୱଚ୍ଛୋସେବୀମାନଙ୍କୁ ସହର ସେବା ଓ ସିଏସଆର ବିଭାଗର ସିଜିଏମ ଶ୍ରୀ ପି କେ ସ୍ୱାଇଁ ବିତରଣ କରିଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନ୍-ଚାର୍ଜ ଶ୍ରୀ ବି କେ ଜୋଜୋ, ସହର ଇଞ୍ଜିନିୟରିଂ ବିଭାଗର ଜିଏମ୍ ଶ୍ରୀ ଏସ୍ ନାୟକ, ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମଓ ଡକ୍ଟର ଦୀପା ଲାଭଙ୍ଗାରେ, କାରଖାନାର ଅନ୍ୟ ଅଧିକାରୀ ଏବଂ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ଏହି ଟି-ସାର୍ଟ ଏକ ସ୍ୱେଚ୍ଛାସେବୀମାନଙ୍କ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ତଥା ବୃତ୍ତିଗତ ପ୍ରତିଛବି ପ୍ରତିଫଳିତ କରିବା ସହ କମ୍ପାନୀର ପ୍ରତିଷ୍ଠା ବୃଦ୍ଧିରେ ସହାୟକ ହେବ। ଏହା ବ୍ୟତୀତ ଏହି ପଦକ୍ଷେପ ବିଶ୍ୱସନୀୟତା ବଢାଇବ ଏବଂ ସହରାଞ୍ଚଳ ବାସିନ୍ଦାଙ୍କ ଘରକୁ ଘର ଡେଙ୍ଗୁ ସଚେତନତା ଏବଂ ସର୍ଭେ କାର୍ଯ୍ୟକଳାପ ସମୟରେ ଉତ୍ତମ ସହଯୋଗକୁ ସୁଗମ କରିବ ବୋଲି ଆଶା କରାଯାଉଛି। ଏହା ମଧ୍ୟ ଦଳଗତ ଭାବନା ଏବଂ କମ୍ପାନୀ ସହିତ ଜଡିତ ହେବାର ଗର୍ବର ଭାବନାକୁ ବୃଦ୍ଧି କରିବ।

## ବୃୀପଦର ସ୍ଥିତ ଗ୍ରାମୀଣ ପାର୍କ କୁ ପରିଦର୍ଶନ କଲେ ଜିଲ୍ଲାପାଳ ଓ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ

*ବଲାଂଗୀର ୨୩।୭ (ଶ୍ରୁମି.) ଜୁଲାଇ: ଲୋଇସିଂହା ବ୍ଲକ ଅନ୍ତର୍ଗତ ବୃୀପଦର ସ୍ଥିତ ଗ୍ରାମୀଣ ପାର୍କ କୁ ସରପଞ୍ଚ ଶ୍ରୀମତୀ ଲକ୍ଷ୍ମୀ ପଧାନ ଙ୍କ ଉପସ୍ଥିତି ରେ ପରିଦର୍ଶନ ରେ ପହଂଚିଥିଲେ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର ତାଙ୍କ ସହ ଉପ ଜିଲ୍ଲାପାଳ ପ୍ରସନ୍ତ ପଧାନ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର, ବିଡ଼ିଓ ଶ୍ରୀ ଅକ୍ଷୟପାଣି ଉଦ୍ଧୁ, ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ, ତହସିଲଦାର ସୁଶ୍ରୀ ସଂଘମିତ୍ରା କାଲୋ ଓ ଷ୍ଟାଫ, ଏ. ଇ ସିଦ୍ଧାର୍ଥ ପାଢୀ, କନିଷ୍ଠ ଯନ୍ତ୍ରୀ ଶ୍ରୀଯୁକ୍ତ ମହାରଣା । ପ୍ରଥମେ ସରପଞ୍ଚ ଶ୍ରୀମତୀ ପଧାନ ଅତିଥି ଙ୍କୁ ସ୍ୱାଗତ କରିଥିଲେ । ଜିଲ୍ଲାପାଳ ଶ୍ରୀଯୁକ୍ତ ଇସଲୱାର ପାର୍କ କୁ ଦେଖି ଖୁସି ଅନୁଭବ କରିବା ସହ ଆଗାମୀ ଦିନରେ ଆହୁରି କେମିତି ଉନ୍ନତର ହେବ ବିଡ଼ିଓ ଶ୍ରୀଯୁକ୍ତ ଉଦ୍ଧୁ ଙ୍କୁ କହିଲେ । ଜିଲ୍ଲାପାଳ ଙ୍କ ପରିଦର୍ଶନ ବେଳେ ପିଇଓ ଶ୍ରୀ ବେହେରା ଓ ସମାଜସେବୀ ଯୁଧିଷ୍ଠିର ପଧାନ ମଧ୍ୟ ଉପସ୍ଥିତ ଥିଲେ ।*

## ମା ବିରଜା ଟାଇକୋଣ୍ଡ ଏକାଡେମୀର ସଫଳତା

ଯାଜପୁର, ୨୩/୭(ଶ୍ରୁମି) ଯାଜପୁର ଟାଉନ ସ୍ଥିତ ବିରଜା କଲ୍ୟାଣ ମଣ୍ଡପ ପରିସରରେ ତୃତୀୟ ଯାଜପୁର ଜିଲ୍ଲା ଟାଇକୋଣ୍ଡ ଚମ୍ପିୟନ ପ୍ରତିଯୋଗିତାରେ ମା ବିରଜା ଟାଇକୋଣ୍ଡ ଏକାଡେମୀ ର ସଫଳତା। ଏହି କାର୍ଯ୍ୟକ୍ରମ ରେ ତିନୋଟି ଏକାଡେମୀର ମୋଟ ୧୦୦ରୁ ଉର୍ଦ୍ଧ ବାଳକ, ବାଳିକା ଭାଗ ନେଇଥିଲେ। ଏଥିରେ ମା ବିରଜା ଟାଇକୋଣ୍ଡ ଏକାଡେମୀ ରନର୍ସଅପ ହୋଇଅଛି। ମା ବିରଜା ଟାଇକୋଣ୍ଡୋ ଏକାଡେମୀର ୫୪ କେଜି ସିନିଅର ବିଭାଗ ରେ ଦେବେଶ୍ୱର ସ୍ୱାଇଁ ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିବା ବେଳେ. ୨୫ କେଜି ଜୁନିଅର ବିଭାଗରେ ନିଶାନ୍ତ ମିଶ୍ର ତିନୋଟି ଗୋଲଡ଼ ମେଡାଲ ପାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ପତି, ଶୁଚିସ୍ମିତା ଜେନା, ସୁପ୍ରିୟା ଛାଟୋଇ, ଅଂଶୁମାନ ସାହୁ, ଶୁଭ୍ରାଂଶୁ ପଣ୍ଡା, ଭିଦିତ ରାୟ ପ୍ରମୁଖ ସ୍ୱର୍ଣ୍ଣ ପଦକପାଇଥିବା ବେଳେ ବୈଭବ ଜେନା, ଜଗନ୍ନାଥ ବେହେରା, ଉଷାଶ୍ରୀ ରଣା,ମୋଟ ଦଶଟି ସ୍ୱର୍ଣ୍ଣ ପଦକ ଓ ତିନୋଟି ରୋପ୍ୟ ପଦକ ପାଇଛନ୍ତି। ଅନୁଷ୍ଠାନ ର ସଭାପତି ସୁରଜଲାଲ ସାମଲ ଓ ମା ବିରଜା ଟାଇକୋଣ୍ଡୋ ଏକାଡେମୀ ର କୋଚ ଗଜେନ୍ଦ୍ର ମାଝୀ ସମସ୍ତ ବିଜେତା ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜ୍ୱର ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

*ଗଂଜାମ, ୨୩।୭ (ଶ୍ରୁମି.) ବ୍ରହ୍ମପୁରହରିହରନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ବର୍ଷା ଦିନିଆ ଥଣ୍ଡା ଜ୍ୱର, କାଶ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ଅଧକ୍ଷ ଡ଼ଃ. ନକୁଳ ସାହୁ କହିଲେ ବର୍ଷାରେ ଭିଜିବା, ଥଣ୍ଡା ଦୂଷିତ ଜଳପାନ ଦ୍ୱାରା ଜ୍ୱର କାଶ ହୁଏ। ୧୦୨ ଏଫ ତାପମାତ୍ରାରୁ ଅଧିକ ରହିଲେ ଚିକିସକଙ୍କ ପରାମର୍ଶ କରନ୍ତୁ। ଏହା ଡ଼େଙ୍ଗୁ ବା ମ୍ୟାଲେରିଆ ହୋଇପାରେ। ଉପରୋକ୍ତ ଅପଥ୍ୟ ପରିହାର କରି ଫୁଟା ପାଣି ଛାଣି ପିଅନ୍ତୁ। ଗରମ ଖାଦ୍ୟ ଖାଆନ୍ତୁ। ଗରମ ବସ୍ତ୍ର, ଟୋପି, ଛତା ବ୍ୟବହାର କରନ୍ତୁ। ତୁଳସୀ ରସ ବାରମ୍ବାର ପିଅନ୍ତୁ। ଗୋଲ ମରିଚ, ଶୁଣ୍ଠି, ଡାଳଚିନି, ତେଜପତ୍ର କ୍ୱାଥ କରି ଗରମ ଗରମ ପିଅନ୍ତୁ। ତରକାରୀରେ ଅଦା, ରସୁଣ ଅଧିକ ପକାନ୍ତୁ। ଦୁଇ ଚାରି ଦିନରେ ଆରୋଗ୍ୟ ପାଇବେ।*

# କାକଟପୁର ତହସିଲ, ବ୍ୟକ୍ତିଗତ ମାଲିକାନାରେ ବହୁ ସରକାରୀ ଜମି , ସର୍ଭେ ହେବ କେବେ ?

କାକଟପୁର, ୨୩/୭ (ଶ୍ରୁ.ମି) ଦିନକୁ ଦିନ ଦ୍ରୁତ ଗତିରେ କାକଟପୁର ଅଞ୍ଚଳ ବଢ଼ି ଚାଲିଛି । ହୁ ହୁ ହୋଇ ବଢ଼ି ଚାଲିଛି ଅଞ୍ଚଳରେ ଜମିର ମୂଲ୍ୟ । ଏପରିସ୍ଥିତିରେ ଜମି ମାଫିଆ ଓ ଜମି ଦଲାଲଙ୍କ ନଜର ପଡିଛି ଅଞ୍ଚଳରେ ଥିବା ସରକାରୀ ଜମି ଓ ଠାକୁରଙ୍କ ମଠ ମନ୍ଦିର ସମ୍ପତ୍ତି ଉପରେ । ୧୯୬୬ ମସିହା ବନ୍ଦୋବସ୍ତ ଓ ୧୯୯୨ ମସିହା ଚକବନ୍ଦୀ ସମୟରେ ତତ୍କାଳୀନ କିଛି ଦୁର୍ନୀତିଗସ୍ତ ପଦାଧିକାରୀମାନଙ୍କୁ ହାତକରି ସେମାନଙ୍କୁ ମୋଟା ଅଙ୍କର ଉତ୍କୋଚ ଦେଇ କାକଟପର ଅଞ୍ଚଳର ବହୁ ଜମି ମାଫିଆ ଓ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମି ସହିତ ମଠ ମନ୍ଦିର ସମ୍ପତ୍ତିକୁ ନିଜ ନାମରେ ସ୍ଥିତିବାନ ରେକର୍ଡ କରାଇ ନେବାରେ ସକ୍ଷମ ହୋଇଛନ୍ତି ବୋଲି କେତେକ ବୁଦ୍ଧିଜୀବି ମତବ୍ୟକ୍ତ କରିଛନ୍ତି । ଏମିତିକି ଅଞ୍ଚଳରେ ଥିବା ଦେବୋତ୍ତର ସମ୍ପତ୍ତି , ନଦୀ ପଠା , ପ୍ରାକୃତିକ ନାଳ , ଅନାବାଦୀ , ଗୋଚର , ବାଗାୟତ , ଗ୍ରାମ୍ୟ ଜଙ୍ଗଲ , ପତିତ , ଗ୍ରାମ ଶ୍ମଶାନ ,( ସମ୍ବେଦନଶୀଳ ) ଅଞ୍ଚଳ , ଫ୍ଲଡଜୋନରେ ଥିବା ଶହ ଶହ ଏକର ସରକାରୀ ଜମି ସହିତ କେତେକ ସ୍ଥାନରେ ସରକାରୀ ରାସ୍ତା ବ୍ୟକ୍ତିଗତ ଲୋକଙ୍କ ନାମରେ ରେକର୍ଡ ଭୁକ୍ତ ହୋଇଯାଇଛି । ସରକାରୀ ଜମିର ପଟ୍ଟା ଓ କିସମକୁ ସେ ସମୟର କିଛି ଦୁର୍ନୀତିଗସ୍ତ ବନ୍ଦୋବସ୍ତ ଓ ଚକବନ୍ଦୀ ଅଧିକାରୀ , କର୍ମଚାରୀମାନେ ବଦଳାଇ ଦେଇ ରାତାରାତି ପିଛିଲା ତାରିଖ ପକାଇ ଫଇସଲା କରି ବ୍ୟକ୍ତିଗତ ଲୋକଙ୍କ ନାମରେ ସ୍ଥିତିବାନ ପଟ୍ଟା ଦେବାକୁ ରେକର୍ଡ ମଞ୍ଜୁର କରିଦେଲେ । କେବଳ ସେତିକି ନୁହେଁ ଜାଲ କାଗଜପତ୍ର ବଳରେ ବହୁ ସରକାରୀ ଜମିକୁ ବିଭିନ୍ନ ରାଜା , ମହାରାଜା ଓ ଜମିଦାରମାନଙ୍କ ଠାରୁ ପଟ୍ଟା ପ୍ରାପ୍ତ ହୋଇଥିବା ଦର୍ଶାଇ ଜମି ମାଫିଆମାନେ ଏବେବି ନିଜ ଅକ୍ତିଆରରେ ରଖିଥିବା ଅଭିଯୋଗ ହେଉଛି । କାକଟପୁର ତଥା ଏହାର ଆଖ ପାଖ ଅଞ୍ଚଳ ମୂଳାଗଡ଼ , କାକଟପୁର କଲେଜ ଛକ , ପ୍ରାଚୀ ବିହାର , ବାଜପୁର , କୁଣ୍ଢେଇ , ଗଡ଼ନୟର ଛଡା ଗୋଲାର ଗଡ଼ , ଓଥକା , ଦହିଖିଆ , କାକଟପୁର ବ୍ଲକଛକ , କନ୍ଦଳପୁର , କଞ୍ଚାସାହି, କଣ୍ଟାପଡା , ବଳରା , ତୁଳାମାଳ , ଲତାହରଣ, ମୂଳାଗଡ଼ , ଜଗତ୍ତାଥପୁର , ଗୋପୀକାନ୍ତ ପୁର , ସୋମନାଥ ପୁର , ବୋଇତିକୁଦ , ଶ୍ରୀରାମପୁର , ଅବଦାନ , ( ନାଶିକେଶ୍ୱର ) , ଉଦୟପୁର ଆଦି ମୌଜାର ଶହ ଶହ ଏକର ସରକାରୀ ଜମି ବହୁ ପ୍ରଭାଶାଳୀ ବ୍ୟକ୍ତି , ରାଜନେତା , ଜମି ମାଫିଆଙ୍କ ନାମରେ ସ୍ଥିତିବାନ ରେକର୍ଡ ହୋଇଯାଇଛି ଯାହାକି ତଦନ୍ତ ସାପେକ୍ଷ । କାକଟପୁର ତହସିଲ ଅଞ୍ଚଳରେ ଏବେ ଆଉ ଯେତିକି ପରିମାଣର ସରକାରୀ ସମ୍ପତ୍ତି ଅଛି ସେ ସମସ୍ତ ସରକାରୀ ସମ୍ପତ୍ତି ମଧ୍ୟରୁ ଶତକଡା ୭୫ % ଭାଗ ସରକାରୀ ଜମି ପ୍ରଭାବଶାଳୀ ବ୍ୟକ୍ତି ଓ ରାଜନେତାଙ୍କ ଅକ୍ତିଆରରେ ରହିଛି । କାକଟପୁର ଅଞ୍ଚଳରେ ଏବେ ଜମି ଗୁଣ୍ଠକୁ ୨୫ ଲକ୍ଷ ଟଙ୍କାରେ ବିକ୍ରି ହେଉଛି । କେଉଁ ପରସ୍ଥିତିରେ ସରକାରୀ ଜମି ଓ ମଠ ମନ୍ଦିରର ଅଚଳାଚଳ ସମ୍ପତ୍ତି ବ୍ୟକ୍ତିଗତ ମାଲିକାନାକୁ ଗଲା , କେଉଁ ଆଇନ ବଳରେ ସେମାନଙ୍କୁ ପଟ୍ଟା ମିଳିଲା ତାହାର ଏକ ଭିଜିଲାନ୍ସ ତଦନ୍ତ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବୀ ହେଉଛି । ଅପରପକ୍ଷରେ ବେନିୟମ ଭାବେ ରେକର୍ଡ ହୋଇଥିବା ସରକାରୀ ଜମିକୁ ପୁନର୍ବାର ସରକାରୀ ଖାତାକୁ ଫେରାଇ ଆଣିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ପୁରୀ ଜିଲ୍ଲା ପ୍ରଶାସନ ନିକଟରେ ( ବାରମ୍ବାର ) ଦାବି ହୋଇଆସୁଥିଲେ ସୁଦ୍ଧା ପ୍ରଶାସନ ସରକାରୀ ଜାଗାରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାର ନାଁ ଧରୁନି । ସରକାରୀ ଜାଗାକୁ ବେନିୟମ ଭାବେ ସ୍ଥିତିବାନ ପଟ୍ଟା କରି ନେଇଥିବା ଲୋକ ପର୍ଯ୍ୟାୟ କ୍ରମେ ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି କରି କୋଟିପତି ପାଲଟିଗଲେଣି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି । ରାଜ୍ୟରେ ମୋହନ ସରକାର ସରକାରୀ ଜାଗାରୁ ଜବର ଦଖଲ ଉଚ୍ଛେଦ ପାଇଁ କଡା ଆଭିମୁଖ୍ୟ ଗ୍ରହଣ କରି ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ କାକଟପୁର ତହସିଲ ଅଞ୍ଚଳରେ ସରକାରୀ ଜମି କେଉଁଠି କିଏ କେତେ ପରିମାଣର ସମ୍ପତ୍ତି ଜବରଦଖଲରେ ରଖିଛି ଏହାର ସର୍ଭେ କେବେ ହେବ ତାହାକୁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି ।

Printed, Published and Owned by Sri Sarbeswar Mishra, Published at Plot No-794/1318, Paragon city, Johala, Po- Pahala, Bhubaneswar-751032, Dist-Khordha, Odisha and Printed at Gayatri Industries, TS3/193, Mancheswar Industrial Estate, Bhubaneswar- 751010, Dist- Khordha Tel- 9437279415, 9437770874,0674-2460825 E-mail: srutimedia@gmail.com
Editor-Sarbeswar Mishra
ସମ୍ପାଦକ:ସର୍ବେଶ୍ୱର ମିଶ୍ର